## ହାତୀ ଆକ୍ରମଣରେ ବୃଦ୍ଧ ମୃତ

ଭାପୁର, (ରାଜକୁମାର ପ୍ରଧାନ): ଢେଙ୍କାନାଳ ସଦରଥାନା ଭାପୁର ଫାଣ୍ଡି କୋଟମ ପଞ୍ଚାୟତ ଜରିପାଳ ଗ୍ରାମର ଅଲେଖ ବେହେରା (୬୨)ଙ୍କ ଗୁରୁବାର ହାତୀ ଆକ୍ରମଣରେ ମୃତ୍ୟୁ ହୋଇଛି। ଅଲେଖ ସକାଳ ୫ଟାରେ ମଇଁଷି ଗୋଠକୁ ଯାଉଥିବା ବେଳେ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ପରିବାର ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ବନ ବିଭାଗ ଅଧିକାରୀ ପହଞ୍ଚି କ୍ଷତିପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ।

# ଶିଶୁ, ମହିଳାଙ୍କ ବିକାଶ ପାଇଁ ନିଷ୍ଠାର ସହିତ କାର୍ଯ୍ୟ କର

### କେନ୍ଦ୍ର ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀଙ୍କ ଢେଙ୍କାନାଳ ଗସ୍ତ


କେନ୍ଦ୍ରମନ୍ତ୍ରୀ ସାବିତ୍ରୀ ଠାକୁର ଶିଶୁ ଗୃହର ପିଲାମାନଙ୍କ ସହ କଥା ହେଉଛନ୍ତି।

ଢେଙ୍କାନାଳ,୨୦।୨(ରତନ ନାୟାର)

ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର ଗୁରୁବାର ପୂର୍ବାହ୍ନ ୧୧ଟାରେ ଢେଙ୍କାନାଳଠାରେ ପହଞ୍ଚିଥିଲେ। ସ୍ଥାନୀୟ ସର୍କିଟ ହାଉସଠାରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ସାବିତ୍ରୀ ଠାକୁର ବିଭାଗୀୟ ଅଧିକାରୀ ଓ ସମନ୍ୱିତ ଶିଶୁ ବିକାଶ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନ ସାକାର ପାଇଁ ସରକାରଙ୍କ ପକ୍ଷରୁ ଶିଶୁ ଓ ମହିଳାଙ୍କ ବିକାଶ ନିମନ୍ତେ କାର୍ଯ୍ୟକାରୀ ସମସ୍ତ ଯୋଜନାକୁ ନିଷ୍ଠାର ସହିତ କରିବା ପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଅଙ୍ଗନୱାଡି କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଜିଲାରେ ୨୨୨୦ ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟକ୍ଷମ ଥିବାବେଳେ ତନ୍ମଧ୍ୟରେ ୭୧୪ଟି କେନ୍ଦ୍ରରେ ସମସ୍ତ ସୁବିଧା ଉପଲବ୍ଧ ଥିବା ସକ୍ଷମ ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟ କରୁଛି ବୋଲି ଜିଲା ସମାଜ ମଙ୍ଗଳ ଅଧିକାରୀ ମିତା ଶର୍ମା ସୂଚନା ଦେଇଥିଲେ। ମମତା ଯୋଜନାରେ ୧ଲକ୍ଷ ୮୫ହଜାର ୭୫୦ଜଣ ଗର୍ଭବତୀ ମହିଳା ଉପକୃତ ହୋଇଥିବା ବେଳେ ସୁଭଦ୍ରା ଯୋଜନାରେ ଅଦ୍ୟାବଧି ୩ଲକ୍ଷ ୫୧୪ଜଣ ମହିଳାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି ବୋଲି ସୂଚନା ଦିଆଯାଇଥିଲା। ଏହି ବୈଠକରେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ଜିଲା ଭାଜପା ସଭାପତି ରାସ ବିହାରୀ ବେହେରା ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀ ଧନ୍ୟବାଦ ଦେଇଥିଲେ। ଏଥିପୂର୍ବରୁ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସଦର ବ୍ଲକ ବାଞ୍ଛକୁସୁମ ଜୁଆଙ୍ଗସାହି ସ୍ଥିତ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ସେଠାରେ ଅଙ୍ଗନୱାଡି କର୍ମୀ ଓ ପିଲାମାନଙ୍କ ସହ କଥା ହୋଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ ଅଙ୍ଗନୱାଡ଼ିର ପରିଚାଳନା ସମ୍ପର୍କରେ ଅବଗତ କରିଥିଲେ। ପରେ ସେ ଗୋବିନ୍ଦପୁରସ୍ଥିତ ମହର୍ଷି ଦୟାନନ୍ଦ ସର୍ଭିସ ମିଶନର ଶିଶୁଗୃହ ପରିଦର୍ଶନ କରି ପିଲାମାନଙ୍କ ସହ କଥାହୋଇ ବିଭିନ୍ନ କାର୍ଯ୍ୟର ତଦାରଖ କରିଥିଲେ। ଏହାପରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ କାର୍ଯ୍ୟ କରୁଥିବା ମହିଳା ସହାୟତା କେନ୍ଦ୍ର(ସଖି)କୁ ଯାଇ ନିର୍ଯ୍ୟାତିତ ମହିଳା ପାଉଥିବା ସୁବିଧା ସୁଯୋଗ ସମ୍ପର୍କରେ ଅବଗତ ହୋଇଥିଲେ।

# ସରକାରୀ ଅଧିକାରୀଙ୍କ ମାନସିକତା ବଦଳିନି: କେନ୍ଦ୍ରମନ୍ତ୍ରୀ


ଢେଙ୍କାନାଳ ସର୍କିଟ ହାଉସଠାରେ କେନ୍ଦ୍ରମନ୍ତ୍ରୀ ସାବିତ୍ରୀ ଠାକୁରଙ୍କ ସହ ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ ଏବଂ ଅନ୍ୟମାନେ।

ଢେଙ୍କାନାଳ,୨୦।୨(ରତନ ନାୟାର)

ଢେଙ୍କାନାଳ ଗସ୍ତରେ ଆସିଥିବା ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର ଗୁରୁବାର ମହିଳା ଓ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାଗୁଡିକର ସମୀକ୍ଷା କରିବା ସହିତ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର, ଶିଶୁଗୃହ, ସଖୀ ସେଣ୍ଟର ପରିଦର୍ଶନ କରିଥିଲେ। ପରେ ଜିଲା କାର୍ଯ୍ୟାଳୟରେ ଅଧିକାରୀମାନଙ୍କ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧିଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତରରେ କେନ୍ଦ୍ରମନ୍ତ୍ରୀ କହିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକମାତ୍ର ସ୍ୱପ୍ନ ସମୃଦ୍ଧ ଭାରତ, ସ୍ୱଚ୍ଛ ଭାରତ ଓ ବିକଶିତ ଭାରତ। ଓଡ଼ିଶାରେ ଦୀର୍ଘଦିନ ଧରି ବିଜେଡି ସରକାର କ୍ଷମତାରେ ଥିଲା। ଏବେ ରାଜ୍ୟରେ ଭାଜପାର ସରକାର। ଡବଲ ଇଞ୍ଜିନ ସରକାରରେ ବହୁ ବିକାଶମୂଳକ କାର୍ଯ୍ୟ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ସରକାରୀ ଅଧିକାରୀମାନଙ୍କ ମାନସିକତା ବଦଳିନାହିଁ। ଜନଜାତିମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ବହୁତ ସମ୍ବେଦନଶୀଳ ରହିଛନ୍ତି। ଗ୍ରାମୀଣ ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀଙ୍କ ଜନହିତକର ଯୋଜନାଗୁଡିକ ଠିକ୍ ଭାବେ ତୃଣମୂଳସ୍ତରରେ ପହଞ୍ଚି ସଫଳ ରୂପାୟନ ହେଉଛି କି ନାହିଁ, ତାହା ଦେଖିବା ପାଇଁ ମନ୍ତ୍ରୀ ଓ ଏମ୍‌ପିମାନଙ୍କୁ ପଠାଯାଉଛି। ପ୍ରଧାନମନ୍ତ୍ରୀଙ୍କ ଲକ୍ଷ୍ୟ ଭ୍ରଷ୍ଟାଚାରମୁକ୍ତ ଭାରତ। ବିଭିନ୍ନ ଯୋଜନାରେ କିଛି ଲୋକ ମାଧ୍ୟମ ସାଜି ଭ୍ରଷ୍ଟାଚାର କରୁଛନ୍ତି। ସେମାନଙ୍କର ମୁହଁ ଖୋଲି ଦିଆଯାଇଛି। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ମହିଳା, ଶିଶୁ ବିକାଶ ଓ ପୋଷଣ ଯୋଜନା କାର୍ଯ୍ୟକାରୀ ହେଉଛି। ଜିଲାରେ ଚାଲୁଥିବା ଯୋଜନାଗୁଡିକ ତୃଣମୂଳସ୍ତରରେ ପହଞ୍ଚୁଛି କି ନାହିଁ, ସେ ସମ୍ପର୍କରେ ପଚାରି ବୁଝିଥିଲି ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ।

# ଢେଙ୍କାନାଳ ଭାଜପାର ଭବ୍ୟ ସ୍ୱାଗତ

ଢେଙ୍କାନାଳ,୨୦।୨(ରତନ ନାୟାର)

କେନ୍ଦ୍ର ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର ଦିନିକିଆ ଢେଙ୍କାନାଳ ଗସ୍ତରେ ଆସି ସର୍କିଟ୍ ହାଉସ୍‌ରେ ପହଞ୍ଚିବା ମାତ୍ରେ ଜିଲା ଭାଜପା ତରଫରୁ ତାଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା। ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, କାମାକ୍ଷାନଗର ବିଧାୟକ ଶତ୍ରୁଘନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲା ସଭାପତି ରାସ ବିହାରୀ ବେହେରା, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ପୂର୍ବତନ ଜିଲା ସଭାପତି ନରେଶଚନ୍ଦ୍ର ମହାପାତ୍ର, ରାଜ୍ୟ କୃଷକ ମୋର୍ଚ୍ଚା ପୂର୍ବତନ ଉପସଭାପତି ରାମଚନ୍ଦ୍ର ପାତ୍ର, ଜିଲା ମିଡିଆ ପ୍ରଭାରୀ ନବ କିଶୋର ଗୁରୁ, ଜିଲା ଉପସଭାପତି ମାତୃପ୍ରସାଦ ନନ୍ଦ, ବିଷ୍ଣୁ ପ୍ରସାଦ ଲେଙ୍କା, ଇତିଶ୍ରୀ ସାହୁ, ସଦର ବ୍ଲକ ଅଧ୍ୟକ୍ଷ କାଳନ୍ଦୀ ବାରିକ, ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ଜିଲା ମହିଳାମୋର୍ଚ୍ଚା ସଭାନେତ୍ରୀ ମମତା ସ୍ୱାଇଁ, ଜିଲା ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମା, ଜିଲା କୃଷକ ମୋର୍ଚ୍ଚା ସଭାପତି ସହଦେବ ପୃଷ୍ଟି, ରାଜ୍ୟ ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଦୀପକ ଗୋଚ୍ଛାୟତ, ଜିଲା ଅନୁସୂଚିତ ଜାତି ସଭାପତି ଲକ୍ଷ୍ମୀଧର ଦଳେଇ, ନଗରମଣ୍ଡଳ ସଭାପତି ବିକାଶ ସାହୁ, ପୂର୍ବତନ ସଭାପତି ଧ୍ରୁବଚରଣ ସ୍ୱାଇଁ, ମନ୍ତ୍ରୀ ଓ ଏମ୍‌ପିଙ୍କ ପୌର ପ୍ରତିନିଧି ସନ୍ତୋଷ ରାଉତ, ରୁଦ୍ର ନାରାୟଣ ତ୍ରିପାଠୀଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା କେନ୍ଦ୍ରମନ୍ତ୍ରୀ ଠାକୁରଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ଭବ୍ୟ ସ୍ୱାଗତ କରିଥିଲେ। ସର୍କିଟ୍ ହାଉସ୍‌ରେ ମନ୍ତ୍ରୀ କିଛି ସମୟ ଦଳୀୟ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତାଙ୍କ ସହ ସଙ୍ଗଠନ ବିଷୟରେ ଆଲୋଚନା କରିବା ପରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିଲେ।

# ଢେଙ୍କାନାଳ ଜିଲାରେ ୯୪ କେନ୍ଦ୍ର, ୧୫,୫୫୪ ପରୀକ୍ଷାର୍ଥୀ

### ଆଜିଠାରୁ ମାଟ୍ରିକ ପରୀକ୍ଷା

- ଢେଙ୍କାନାଳ ଓ ହିନ୍ଦୋଳ ବ୍ଲକରେ ସର୍ବାଧିକ ପରୀକ୍ଷାର୍ଥୀ
- ୫୦ଟି ସମ୍ବେଦନଶୀଳ କେନ୍ଦ୍ର, ସବୁଠି ସିସିଟିଭି ବ୍ୟବସ୍ଥା

ଢେଙ୍କାନାଳ,୨୦।୨(ରତନ ନାୟାର)

ଢେଙ୍କାନାଳ ଜିଲାରେ ଚଳିତବର୍ଷ ୯୪ଟି ପରୀକ୍ଷା କେନ୍ଦ୍ରରେ ମୋଟ ୧୫,୫୫୪ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେବେ। ଶୁକ୍ରବାରଠାରୁ ଆରମ୍ଭ ହେଉଥିବା ଏହି ପରୀକ୍ଷା ପାଇଁ ଜିଲାର ୮ଟି ବ୍ଲକରେ ୯୪ଟି କେନ୍ଦ୍ର କରାଯାଇଛି। ଢେଙ୍କାନାଳରେ ମୋଟ ୪୧ଟି ହାଇସ୍କୁଲର ସର୍ବାଧିକ ୨୭୦୦ ପରୀକ୍ଷାର୍ଥୀ ରହିଥିବା ବେଳେ ହିନ୍ଦୋଳ ବ୍ଲକରେ ୪୯ ହାଇସ୍କୁଲରେ ୨୬୯୨ ପରୀକ୍ଷାର୍ଥୀ, ଗଁଦିଆ ବ୍ଲକରେ ୩୦ ହାଇସ୍କୁଲରେ ୧୯୧୬ଜଣ, ଓଡ଼ାପଡ଼ା ବ୍ଲକରେ ୩୪ ହାଇସ୍କୁଲରେ ୧୬୬୨, କାମାକ୍ଷାନଗର ବ୍ଲକରେ ୩୧ ହାଇସ୍କୁଲରେ ୧୭୪୧, ଭୁବନ ବ୍ଲକରେ ୨୩ ହାଇସ୍କୁଲରେ ୧୩୫୪, ପରଜଙ୍ଗ ବ୍ଲକରେ ୩୩ ହାଇସ୍କୁଲରେ ୧୭୩୬, କଙ୍କଡ଼ାହାଡ଼ ବ୍ଲକରେ ମୋଟ ୨୯ଟି ହାଇସ୍କୁଲରେ ୧୬୯୨ ଜଣ ପରୀକ୍ଷାର୍ଥୀ ରହିଛନ୍ତି। ଜିଲାରେ ମୋଟ ୨୭୦ଟି ହାଇସ୍କୁଲରେ ୧୫,୪୯୩ ପରୀକ୍ଷାର୍ଥୀ ଥିବାବେଳେ ସେମାନଙ୍କ ମଧ୍ୟରୁ ୧୫,୪୬୨ ରେଗୁଲାର ଓ ୩୧ଜଣ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ଅଛନ୍ତି। ସେହିପରି ଏସ୍‌ଓଏସ୍‌ସିରେ ୩୮ଜଣ ପରୀକ୍ଷାର୍ଥୀ ରହିଛନ୍ତି। ଜିଲାରେ ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା କରାଯାଇଛି। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପ୍ରଶାସନିକ ଅଧିକାରୀଙ୍କୁ ବିଭିନ୍ନ କେନ୍ଦ୍ରରେ ମାଜିଷ୍ଟ୍ରେଟ୍ ଭାବେ ନିୟୋଜିତ କରାଯାଇଛି। ସମସ୍ତ ପରୀକ୍ଷା ସକାଳ ୯ଟାରୁ ପୂର୍ବାହ୍ନ ସାଢେ ୧୧ଟା ପର୍ଯ୍ୟନ୍ତ କରାଯିବ। କେବଳ ଗଣିତ ପରୀକ୍ଷା ସକାଳ ୯ ଟାରୁ ୧୧ଟା ୪୫ ମିନିଟ ପର୍ଯ୍ୟନ୍ତ ଚାଲିବ। ୫୦ଟି ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ର ରହିଥିବାବେଳେ ଭୁବନ ବ୍ଲକରେ ୪ଟି, ଢେଙ୍କାନାଳରେ ୯, ଗଁଦିଆରେ ୭, ହିନ୍ଦୋଳରେ ୫, କାମାକ୍ଷାନଗରରେ ୩, କଙ୍କଡାହାଡରେ ୬, ଓଡାପଡାରେ ୮ ଓ ପରଜଙ୍ଗ ବ୍ଲକରେ ୮ଟି ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ର ରହିଛି। ପ୍ରଶାସନିକ ଅଧିକାରୀମାନେ ପରୀକ୍ଷା କେନ୍ଦ୍ରର ସୁପରିଚାଳନା ତଦାରଖ କରିବାକୁ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ନିର୍ଦ୍ଦେଶ ଦେଇଛନ୍ତି। ପରୀକ୍ଷା ପରିଚାଳନାରେ କୌଣସି ଅବହେଳା ପ୍ରଦର୍ଶନ ବା ଅନିୟମିତତା ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ ପ୍ରଶ୍ନପତ୍ର ରଖିବା ପାଇଁ ୮ଟି ବ୍ଲକରେ ମୋଟ ୧୦ ନୋଡାଲ ସେଣ୍ଟର ଖୋଲାଯାଇଛି। କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି ସୂଚନା ଦେଇଛନ୍ତି।

# ୧ ଲକ୍ଷ ୪ ହଜାର ୪୫୦ ଟଙ୍କା ସଂଗ୍ରହ

### କପିଳାସ ପୀଠ ହୁଣ୍ଡି ଖୋଲିଲା

ଢେଙ୍କାନାଳ,୨୦।୨(ରତନ ନାୟାର)

ରାଜ୍ୟ ତଥା ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସର ହୁଣ୍ଡି ଗୁରୁବାର ଖୋଲାଯାଇଛି। ଜିଲା ଦେବୋତ୍ତର ବିଭାଗ ଅଧିକାରୀ, କର୍ମଚାରୀ ଓ ପୋଲିସ ଉପସ୍ଥିତିରେ ହୁଣ୍ଡି ଖୋଲାଯାଇଥିଲା। ହୁଣ୍ଡିରୁ ୧ଲକ୍ଷ ୪ହଜାର ୪୫୦ଟଙ୍କା ସଂଗ୍ରହ ହୋଇଥିବା ଜିଲା ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କ ସୂଚନାରୁ ଜଣାପଡ଼ିଛି। ସେହିପରି ଆସନ୍ତା ୨୬ ତାରିଖରେ ପୀଠରେ ଜାଗର ଯାତ୍ରା ଅନୁଷ୍ଠିତ ହେଉଥିବାରୁ ଏଥିପାଇଁ ଏକ ପ୍ରସ୍ତୁତି ବୈଠକରେ ସେବକ, ସେବାୟତମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଦେବୋତ୍ତର ଅଧିକାରୀ ତଥା ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡନାୟକ ମଧ୍ୟ ଉପସ୍ଥିତ ଥିଲେ।

# ମହୁମାଛି ଆକ୍ରମଣରେ ୫ ଛାତ୍ର ଗୁରୁତର


ପରଜଙ୍ଗ ମେଡିକାଲରେ ଗୁରୁତରଙ୍କ ଚିକିତ୍ସା ଚାଲିଛି।

ପରଜଙ୍ଗ,୨୦।୨(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ଇନ୍ଦିରା ଗାନ୍ଧୀ ବୈଷୟିକ କଲେଜରେ ଅଧ୍ୟୟନ କରୁଥିବା ୫ଜଣ ଛାତ୍ର ମହୁମାଛି ଆକ୍ରମଣରେ ଗୁରୁବାର ଗୁରୁତର ହୋଇଛନ୍ତି। ସେମାନେ ହେଲେ ରାହୁଲ ବଳ(୧୯), ଶୁଭମ ରାଉତ(୨୦), ପ୍ରିୟାଂଶୁ ମହାରଥୀ(୨୦), ଅମିତ ସାମଲ(୨୦) ଏବଂ ଓମ ମହାରଥୀ(୧୮)। ସେମାନେ କଙ୍କଡ଼ାହାଡ଼ ବ୍ଲକ ବାମ ପଞ୍ଚାୟତ ପଥରଗଡ଼ ଗ୍ରାମକୁ ଲାଗିଥିବା ଜଙ୍ଗଲଭରା ପାହାଡ଼ ଉପରେ ଏକ ମନ୍ଦିରକୁ ଦର୍ଶନ କରିବାକୁ ଯାଇଥିଲେ। ସେମାନେ ଏକାଠି ଜଙ୍ଗଲରେ ବୁଲୁଥିବା ସମୟରେ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ନିକଟସ୍ଥ ଗ୍ରାମର କେତେଜଣ ଲୋକ ସେମାନଙ୍କୁ ଉଦ୍ଧାର କରି ପରଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରିୟାଂଶୁଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ ତାଙ୍କୁ ତାଳଚେର ମଣ୍ଡାପାଳ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

# କୋଦଣ୍ଡଧରଙ୍କୁ ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି

ଢେଙ୍କାନାଳ,୨୦।୨(ରତନ ନାୟାର)


ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନେ।

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବୁଢିବିଲି ପଞ୍ଚାୟତ ବୃନ୍ଦାବନପୁର ଗ୍ରାମରେ ବୁଧବାର କୋଦଣ୍ଡଧର ବେହେରାଙ୍କ ଏକାଦଶ ଅବସରରେ ତାଙ୍କୁ ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି ପ୍ରଦାନ ସହ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଶା ସରକାରଙ୍କ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀର ପୂର୍ବତନ ନିର୍ଦ୍ଦେଶକ ଡ. ଅନନ୍ତ ଚରଣ ସାହୁ ତାଙ୍କର ସ୍ମୃତିଚାରଣ କରିଥିଲେ। ଏହାପରେ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ମୃତିକୁ ସାଉଁଟି ରଖିବା ପାଇଁ ପରିବାର ପକ୍ଷରୁ ଏକ ରକ୍ତଚନ୍ଦନ ଚାରା ରୋପଣ ହୋଇଥିଲା। ଜିଲା କୃଷକ କଂଗ୍ରେସ ସଭାପତି ବିପ୍ରବର ସାହୁ, ଆଞ୍ଚଳିକ କୃଷି ଉନ୍ନୟନ ପରିଷଦ ସଭାପତି ବିଷ୍ଣୁଚରଣ ମିଶ୍ର, ତେରଥାନ ତୈଳିକ ବୈଶ୍ୟ ସମାଜ ସଭାପତି ନବଟର ସାହୁ, କାମାକ୍ଷାନଗର ବ୍ଲକ ପୂର୍ବତନ ଅଧ୍ୟକ୍ଷା ସରୋଜିନୀ ବେହେରା, କୋଟଗରା ପୂର୍ବତନ ସରପଞ୍ଚ ଲଳିତ ମୋହନ ସାହୁ, ବୃନ୍ଦାବନପୁର ଗ୍ରାମ ଉପଦେଷ୍ଟା ନୃସିଂହ ଚରଣ ବେହେରା, ସମ୍ପାଦକ ଦୁଃଖବନ୍ଧୁ ବେହେରା, ଶିକ୍ଷାବିତ୍ ଛାୟାକାନ୍ତ ନାୟକ, ପୂର୍ବତନ ସରପଞ୍ଚ ସତ୍ୟାନନ୍ଦ ନାୟକ, ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଶନ୍ନ କୁମାର ପରିଡା, ଶିକ୍ଷକ ହେମନ୍ତ କୁମାର ମହାପାତ୍ର, ଅଞ୍ଜନ କୁମାର ଖୁଣ୍ଟିଆ, ତେରଥାନ ତୈଳିକ ବୈଶ୍ୟ ସମାଜ କୋଷାଧ୍ୟକ୍ଷ ରଙ୍ଗାଧର ସାହୁ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସୁରେନ୍ଦ୍ର କୁମାର ପୃଷ୍ଟି ଓ ହୃଷିକେଶ ସାହୁ କବିତା ପାଠ କରିଥିଲେ। ସ୍ୱର୍ଗତ କୋଦଣ୍ଡଧର ବେହେରା ଲେଖିଥିବା ଶେଷ କବିତାକୁ ତାଙ୍କ ସ୍ୱାଇଁ ତ୍ରିଲୋଚନ ସାହୁ ପାଠ କରିଥିଲେ। ବିଭୂତି ଭୂଷଣ ବେହେରା ପରିଚାଳନା କରିଥିଲେ।

# ନୂତନ ଏସ୍‌ଡିପିଓଙ୍କ ଯୋଗଦାନ

ସାତମାଇଲ,୨୦।୨ (ସୁଶାନ୍ତ ପତି)



ଢେଙ୍କାନାଳ ଜିଲାର ହିନ୍ଦୋଳ ଉପଖଣ୍ଡରେ ନୂତନ ଏସ୍‌ଡିପିଓ ଭାବେ ସତ୍ୟ କୁମାର ନନ୍ଦ ଯୋଗ ଦେଇଛନ୍ତି। ଏଠାର ପୂର୍ବରୁ ଥିବା ଏସ୍‌ଡିପିଓ ଦୀପକ ଜେନାଙ୍କ ବଦଳିହୋଇଯିବା ପରେ ଭଦ୍ରକ ଜିଲାର ପୋଲିସ ଅଧିକାରୀ ନନ୍ଦ ହିନ୍ଦୋଳ ଉପଖଣ୍ଡର ଏସ୍‌ଡିପିଓ ଦାୟିତ୍ୱ ନେଇଛନ୍ତି। ଗୁରୁବାର ହିନ୍ଦୋଳ ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ନୂତନ ଏସ୍‌ଡିପିଓ କହିଛନ୍ତି, ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଦୃଢ଼ ନେତୃତ୍ୱରେ ଓ ସମସ୍ତ ପୋଲିସ କର୍ମଚାରୀଙ୍କ ସହଯୋଗରେ ହିନ୍ଦୋଳରେ ଆଇନଶୃଙ୍ଖଳା ବ୍ୟବସ୍ଥା କଡାକଡି ଭାବରେ ପାଳନ କରାଯିବ। ସମସ୍ତେ କିପରି ଠିକ୍ ନ୍ୟାୟ ପାଇପାରିବେ ତାହା ଉପରେ ଗୁରୁତ୍ୱ ଦିଆଯିବ। ଏହି ଖବରଦାତା ସମ୍ମିଳନୀରେ ହିନ୍ଦୋଳ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ସମେତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

# ୩ ଚୋରା ବାଇକ୍ ଜବତ, ଜଣେ ଗିରଫ

ଢେଙ୍କାନାଳ,୨୦।୨(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ଥାନା ଅଞ୍ଚଳରୁ ଚୋରି ହୋଇଥିବା ୩ଟି ବାଇକକୁ ବୁଧବାର ଗଁଦିଆ ପୋଲିସ ଜବତ କରିବା ସହ ଏ ସଂକ୍ରାନ୍ତରେ ଜଣଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ନିହଲପ୍ରସାଦ ଅଞ୍ଚଳର ହେମନ୍ତ ସେଠୀ(୩୩)। ସେ ଗତ ୧୮ତାରିଖ ଦିନ ଯୋରନ୍ଦା ଫାଣ୍ଡି ଅଞ୍ଚଳରୁ ଏକ ବାଇକ୍ ଚୋରି କରିଥିବା ଜଣାପଡ଼ିଛି। ଗିରଫ ପରେ ହେମନ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଶାନ୍ତନୁ ପ୍ରଧାନ ସୂଚନା ଦେଇଛନ୍ତି।




ଅନୁଗୋଳ ରାଜକିଶୋରପଡ଼ାଠାରେ କୁଆପଥର ଗଦା ହୋଇଛି।


ବର୍ଷା ପରେ ଅନୁଗୋଳ ଶଙ୍କର ସିନେମା ରୋଡ୍‌ରେ ପାଣି ଜମିଛି।


ପଞ୍ଚମହଲାଠାରେ ଗଛ ଭାଙ୍ଗି ପଡ଼ିଛି।


ଅଦିନିଆ ଝଡ଼ବର୍ଷା ଯୋଗୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ବିଲ୍ଡିଂ କାଚ ଭାଙ୍ଗି ତଳେ ପଡ଼ିଛି।


ପବନ ଯୋଗୁ କଦମ ପଡ଼ିଆ ସେଡ୍ କାଞ୍ଚନ ସିନେମା ହଲ୍ ପରିସରରେ ପଡ଼ିଛି।


ଅନୁଗୋଳ ସହର ଭିତରେ ଗଛ ଭାଙ୍ଗି ପଡ଼ିଛି। ଫଟୋ- (ବୁଦୁ)

# ଅବହେଳିତ ମହିଳାଙ୍କ ସୁରକ୍ଷା ଉପରେ ଗୁରୁତ୍ୱ

## କେନ୍ଦ୍ରମନ୍ତ୍ରୀ ସାବିତ୍ରୀ ଠାକୁରଙ୍କ ଅନୁଗୋଳ ଗସ୍ତ

ଅନୁଗୋଳ,୨୦।୨(ମାନସ ବିଶ୍ୱାଳ)

ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର ଗୁରୁବାର ଅନୁଗୋଳ ଜିଲା ଗସ୍ତରେ ଆସି ବିଭାଗୀୟ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଅପରାହ୍ନ ୩ଟାରେ କେନ୍ଦ୍ରମନ୍ତ୍ରୀ ଅନୁଗୋଳରେ ପହଞ୍ଚିବା ପରେ ତୁରଙ୍ଗଠାରେ ଥିବା ମଡେଲ ଅଙ୍ଗନୱାଡି ସେଣ୍ଟର ବୁଲି ଦେଖିଥିଲେ। ପରେ ପଞ୍ଚମହଲାଠାରେ ଥିବା ଯାଗୃତି ସେଣ୍ଟର (ଶକ୍ତି ସଦନ) ମଧ୍ୟ ପରିଦର୍ଶନ କରିଥିଲେ। ସେଠାରେ ରହୁଥିବା ଅବହେଳିତ ମହିଳାମାନଙ୍କ ସୁବିଧା ଅସୁବିଧା ଶୁଣିଥିଲେ। କିଛି ସମୟ ସେମାନଙ୍କ ସହ ଆଲୋଚନା କରିବା ପରେ ଅନୁଗୋଳ ଜିଲା ସର୍କିଟ୍ ହାଉସ୍‌କୁ ଫେରି ରାଜ୍ୟ ସରକାରଙ୍କ ଅଧୀନରେ ଥିବା ମହିଳା ଓ ଶିଶୁ ସମନ୍ୱୟ ବିଭାଗ ଦ୍ୱାରା ପରିଚାଳିତ ସମସ୍ତ ଉନ୍ନତିମୂଳକ ଯୋଜନାର ସମୀକ୍ଷା କରିଥିଲେ। ପରେ ଚାଇଲ୍ଡ ପ୍ରୋଟେକ୍ସନ୍ ୟୁନିଟ୍ ଦ୍ୱାରା ଚାଲିଥିବା ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ଏହି ସମୀକ୍ଷା ବୈଠକ ପରେ ଅନାଥ ଓ ଅବହେଳିତ ୫ ଜଣ ଶିଶୁକନ୍ୟାଙ୍କୁ ୪ ହଜାର ଟଙ୍କା ଲେଖାଏ ଚେକ ପ୍ରଦାନ କରିଥିଲେ। ଏଥିସହିତ ଚାଇଲ୍ଡ କେୟାର ସେଣ୍ଟର (ବାଳାଶ୍ରମ)ର ୨୦୦ ଶଯ୍ୟା ବୃଦ୍ଧି ଓ ତାଳଚେର ଠାରେ ୨ୟ ୱାନଷ୍ଟପ୍ ସେଣ୍ଟର ନିର୍ମାଣ ପାଇଁ ପ୍ରସ୍ତାବ ଗ୍ରହଣ କରି ଏକ ରିପୋର୍ଟ ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ସହିତ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପାଲଲହଡା ବିଧାୟକ ଅଶୋକ ମାହାନ୍ତିଙ୍କ ସମେତ ଜିଲାପାଳ ଏବଂ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଥିଲେ, ମହିଳା ବାଲ୍ ବିକାଶ ମନ୍ତ୍ରଣାଳୟ ଦ୍ୱାରା ସୁପୋଷିତ ଭାରତ ଅଭିଯାନ ଚାଲିଛି। ସକ୍ଷମ ଅଙ୍ଗନୱାଡି, ନାରୀ ଆରାଧ ପଞ୍ଚାୟତର ମାତୃ ବନ୍ଦନା ଯୋଜନା ଗୁଡିକର ସମୀକ୍ଷା କରାଗଲା। ଏ ସବୁ ଯୋଜନା ଲୋକଙ୍କ ପାଖରେ ପହଞ୍ଚିପାରିଲେ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ସାକାର ହେବ। ୨୦୪୭ର ବିକଶିତ ଭାରତ ଲକ୍ଷ୍ୟକୁ ଏହିସବୁ ଯୋଜନା ଦ୍ୱାରା ପୂରଣ କରାଯାଇପାରିବ।


ଅନାଥ ଶିଶୁକନ୍ୟାମାନଙ୍କୁ କେନ୍ଦ୍ରମନ୍ତ୍ରୀ ଚେକ୍ ପ୍ରଦାନ କରୁଛନ୍ତି।

# ୧୦ କେନ୍ଦ୍ରରେ ୧୬୭୯ ମାଟ୍ରିକ ପରୀକ୍ଷାର୍ଥୀ

ଆଠମଲ୍ଲିକ,୨୦।୨(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକସ୍ଥିତ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ତଥା ନୋଡାଲ ସେଣ୍ଟର ଅଧୀନରେ ୧୦ଟି ପରୀକ୍ଷା ସେଣ୍ଟରରେ ୧୬୭୯ ମାଟ୍ରିକ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଅଏଡା ହାଇସ୍କୁଲ, ପୁରୁଣାମାଣତ୍ରୀ ହାଇସ୍କୁଲ, ମାଧପୁର ହାଇସ୍କୁଲ, କିଆକଟା ହାଇସ୍କୁଲ, ଠାକୁରଗଡ଼ ହାଇସ୍କୁଲ, ସାନହୁଲା ହାଇସ୍କୁଲ, ପାଇକସାହି ହାଇସ୍କୁଲ ଓ ଅନ୍ତୁଳିଆ ହାଇସ୍କୁଲରେ ୧୬୭୯ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ନୋଡାଲ ଅଧିକାରୀ ଭାବେ ପ୍ରଧାନ ଶିକ୍ଷକ ସୁନୀଲ କୁମାର ପ୍ରଧାନ ଓ ଅତିରିକ୍ତ ନୋଡାଲ ଅଧିକାରୀ ଭାବେ ଶିକ୍ଷକ ଆଦିତ୍ୟ କୁମାର ସାହୁ ଦାୟିତ୍ୱରେ ଅଛନ୍ତି। ନୋଡାଲ ସେଣ୍ଟରରୁ ପୋଲିସ ଓ ଶିକ୍ଷକ ଥିବା ୩ଟି ଟିମ ମାଧ୍ୟମରେ ପ୍ରଶ୍ନପତ୍ର ପରୀକ୍ଷା ସେଣ୍ଟରକୁ ପଠାଯିବାର ବ୍ୟବସ୍ଥା ହୋଇଛି। ସକାଳ ୭ଟା ୩୦ ସୁଦ୍ଧା ପରୀକ୍ଷାର୍ଥୀ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାର ସ୍ଥିର ହୋଇଥିବା ନୋଡାଲ ଅଧିକାରୀ ସୂଚନା ଦେଇଛନ୍ତି।

# ଶୁଣ୍ଢି ସମାଜର ବାର୍ଷିକ ବୈଠକ

ଡେରାଙ୍ଗ/ ପବିତ୍ରନଗର,୨୦।୨ (ନିରୋଜ ପ୍ରଧାନ)

କଣିହାଁ ବ୍ଲକ ବଡ଼ହୀରା ଗ୍ରାମର କଲ୍ୟାଣୀପୁର ଆମ୍ବତୋଟାଠାରେ ଡେରାଙ୍ଗ ପଞ୍ଚାୟତ ଶୁଣ୍ଢି ସମାଜର ୪୮ତମ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ମୂଳିଆ ସେନାପତି ଏଥିରେ ସଭାପତିତ୍ୱ କରିଥିଲେ। ସଭାପତି, ସମ୍ପାଦକ ଓ ସମସ୍ତ ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ପାଦକ ଯୁଗେଶ୍ୱର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଶୁଣ୍ଢି ସମାଜର ଭାଇଚାରା ବଜାୟ ରଖିବା ସହିତ ଶିକ୍ଷା, ନିଯୁକ୍ତି, ସ୍ୱାବଲମ୍ବୀହେବା, ସାମାଜିକ ଓ ଆର୍ଥିକ ପ୍ରଗତି ସହିତ ଅନ୍ୟକୁ ସାହାଯ୍ୟ ସହଯୋଗ କରିବା ମନୋବୃତ୍ତିକୁ ସୁଦୃଢ଼ କରିବା ଉପରେ ଆଲୋଚନା ହୋଇଥିଲା। ସମାଜର ୧୮୨ ପରିବାର ସଦସ୍ୟ ବୈଠକରେ ଉପସ୍ଥିତ ଥିଲେ। ପରେ ନୂତନ ସଭାପତି ଭାବେ ଇନ୍ଦ୍ରମଣି ସାହୁ, ସମ୍ପାଦକ ଭାବେ ଦୁଃଶାସନ ସାହୁ ଓ ସଦସ୍ୟ ଭାବେ ଦିଲେଶ୍ୱର ସାହୁ, ମୋହନ ଚନ୍ଦ୍ର ସାହୁ, ହରି ସାହୁ, ବିଦ୍ୟାଧର ସାହୁ, ଶଙ୍କର୍ଷଣ ସାହୁ, ଭଜମନ ସାହୁ, ପ୍ରସାଦୀ ସାହୁ, ଗୁଲେଖ ସାହୁ, ଅଥାନି ସାହୁଙ୍କୁ ଚୟନ କରାଯାଇଥିଲା। ବୁଦ୍ଧଦେବ ସାହୁ, ମଦନ ସାହୁ, ଦୁଃଶାସନ ସାହୁ, ସୁନ୍ଦରମଣି ସାହୁ, ବିଭୂତି ସାହୁ, ବିନୋଦ ସାହୁ, ହରମୋହନ ସାହୁ, ନୀଳମଣି ସାହୁ, ପରମାନନ୍ଦ ସାହୁ, ପବିତ୍ରମୋହନ ସାହୁ, କବି ସାହୁ, ଧ୍ରୁବଚରଣ ସାହୁ, ମୂଳିଆ ସାହୁ, କୁମୁଦ ସାହୁ, ସୁରେଶ ସାହୁ, ନିରୋଜ ସାହୁ, ନିରାକାର ସାହୁ, ବେଣୁଧର ସାହୁ, ରବିନାରାୟଣ ସାହୁ, ସନାତନ ସାହୁ, ଅନିଲ ସାହୁ, ମୁରଲୀ ଧର ସାହୁ, ଅଶୋକ ସାହୁ, ବିଜୟ ସାହୁ, ନରୋତ୍ତମ ସାହୁ, ନରେଶ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।


ବାର୍ଷିକ ବୈଠକରେ ଶୁଣ୍ଢି ସମାଜର କର୍ମକର୍ତ୍ତାମାନେ।

# ସୁସ୍ଥ ପରିବେଶ ପାଇଁ ବୃକ୍ଷ ଜରୁରୀ

ଅନୁଗୋଳ, ୨୦।୨(ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ ସ୍ୱଧାର ଗୃହ ପରିସରରେ ଭାରତୀୟ ପୌଢ଼ ଶିକ୍ଷା ସଂଘ ଓ ୟୁନିଅନ ବ୍ୟାଙ୍କ ମିଳିତ ପ୍ରୟାସରେ ସ୍ୱାସ୍ଥ୍ୟ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଆୟୁର୍ବେଦିକ ଚିକିତ୍ସକ ଡାକ୍ତର ସତ୍ୟନାରାୟଣ ସିଂହ ସାମନ୍ତ ଯୋଗଦେଇ ଖାଦ୍ୟ, ପାନୀୟ, ପରିମଳ ଏବଂ ମଣିଷ ସୁସ୍ଥ ରହିବା ପାଇଁ ଉଦ୍ଭିଦ ନିହାତି ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟ କଲ୍ୟାଣ କିଶୋର ମହାନ୍ତି ସ୍ୱାସ୍ଥ୍ୟର ପାଞ୍ଚଟି ମୌଳିକ କାର୍ଯ୍ୟ ଉପରେ ସଚେତନ କରାଇଥିଲେ। ଏହି ପାଞ୍ଚ ପ୍ରକାର କାମ କଲେ ସମସ୍ତେ ଏକ ସୁସ୍ଥ ଓ ନିରାମୟ ଜୀବନ ଅତିବାହିତ କରିପାରିବା ବୋଲି ମହାନ୍ତି କହିଥିଲେ। ଏହି କାର୍ଯ୍ୟକ୍ରମକୁ ଅଭିଯାନ ସଂଯୋଜକ ସୂର୍ଯ୍ୟନାରାୟଣ ନାଥ ପରିଚାଳନା କରିଥିଲେ। ଲାଲକୃଷ୍ଣ, ଛୋଟରାୟ ମାଝି ସହଯୋଗ କରିଥିଲେ।



ସ୍ୱାସ୍ଥ୍ୟ ସଚେତନତା ସଭାରେ ମଞ୍ଚାସୀନ ଅତିଥିମାନେ।

# ଦକ୍ଷତା ବିକାଶ ପାଠ୍ୟକ୍ରମ ମାଧ୍ୟମରେ ସଶକ୍ତ କରୁଛି ଜିଏମ୍‌ଡିସି

ଛେଣ୍ଡିପଦା,୨୦।୨ (ଅଜିତ ଧଳ)


ଯୁବକମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ ଦିଆଯାଉଛି।

ଅନୁଗୋଳ ଜିଲା ଛେଣ୍ଡିପଦା ଅଞ୍ଚଳର ଯୁବକମାନଙ୍କ ଉନ୍ନତ ଭବିଷ୍ୟତ ଗଠନ କରିବା ଲକ୍ଷ୍ୟରେ ଗୁଜରାଟ ମିନେରାଲ ଡେଭଲପମେଣ୍ଟ କର୍ପୋରେଶନ (ଜିଏମ୍‌ଡିସି) ସାମାଜିକ ଦାୟିତ୍ୱ ଶାଖା ଗ୍ରାମ୍ୟ ବିକାଶ ଟ୍ରଷ୍ଟ (ଜିଏମ୍‌ଡିସି-ଜିଭିଟି) ଅଧୀନରେ ବିଭିନ୍ନ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଯୁବକମାନଙ୍କୁ ସିଏନ୍‌ସି ଟର୍ଣ୍ଣିଂ ଏବଂ ଜେନେରାଲ ଡ୍ୟୁଟି ଆସିଷ୍ଟାଣ୍ଟ (ଜିଡିଏ) ପାଠ୍ୟକ୍ରମରେ ତାଲିମ ପ୍ରଦାନ କରିବା ସହିତ ନିଯୁକ୍ତିଯୋଗ୍ୟ ଦକ୍ଷତା ଏବଂ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ତାଲିମ ପ୍ରଦାନ କରାଯାଉଛି। ଏହି କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ଛେଣ୍ଡିପଦା ଅଞ୍ଚଳର ପ୍ରାୟ ୪୦ ଜଣ ଛାତ୍ରଙ୍କୁ ବୁଧବାର ଭାରତ ସରକାରଙ୍କ ଭୁବନେଶ୍ୱରସ୍ଥିତ ସେଣ୍ଟ୍ରାଲ ଟୁଲ ରୁମ୍ ଆଣ୍ଡ ଟ୍ରେନିଂ ସେଣ୍ଟର (ସିଟିଟିସି) ପରିଦର୍ଶନରେ ନିଆଯାଇଥିଲା। ଛାତ୍ରମାନେ ସିଟିଟିସିର ଲ୍ୟାବ ଏବଂ ଉତ୍ପାଦନ ୟୁନିଟ୍‌ଗୁଡ଼ିକୁ ପରିଦର୍ଶନ କରିବା ସହିତ ତାଲିମରେ ବ୍ୟବହୃତ ଉପକରଣ ନିକଟରୁ ଦେଖି ସମ୍ୟକ ଜ୍ଞାନ ଗ୍ରହଣ କରିଥିଲେ। ଅନେକ ଛାତ୍ର ଏହି ପାଠ୍ୟକ୍ରମରେ ନାମ ଲେଖାଇବାକୁ ପ୍ରସ୍ତୁତ ହେଉଛନ୍ତି। ଜିଏମ୍‌ଡିସି ପକ୍ଷରୁ ଛାତ୍ରମାନଙ୍କ ରହିବା, ଖାଇବା ଓ ପ୍ରଶିକ୍ଷଣର ସମସ୍ତ ଖର୍ଚ୍ଚ ବହନ କରାଯିବା ସହିତ ଦକ୍ଷତା ପ୍ରତିପାଦନ ପାଇଁ ସମସ୍ତ ବ୍ୟବସ୍ଥା କରାଯିବ। ଜିଏମ୍‌ଡିସି ସିଏନସି ଟର୍ଣ୍ଣିଂ ଏବଂ ଜେନେରାଲ ଡ୍ୟୁଟି ଆସିଷ୍ଟାଣ୍ଟ (ଜିଡିଏ) ପାଠ୍ୟକ୍ରମ ପାଇଁ ସିଟିଟିସି ଏବଂ ଡକ୍ଟର ରେଡ୍ଡି ଲ୍ୟାବ ସହିତ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରାଯାଇଥିବା ଜିଏମ୍‌ଡିସି ପକ୍ଷରୁ ସୂଚନା ଦିଆଯାଇଛି।

# ଧୋବାପାଳ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ

ପବିତ୍ରନଗର,୨୦।୨(ନିରୋଜ ପ୍ରଧାନ)

କଣିହାଁ ବ୍ଲକ ଧୋବାପାଳ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଅଷ୍ଟପ୍ରହର ପରିଚାଳନା କମିଟି ଏବଂ ଗ୍ରାମ୍ୟ କମିଟି ପକ୍ଷରୁ ଏହା ଅନୁଷ୍ଠିତ ହୋଇଥିଲା। ଗ୍ରାମର ମହିଳାମାନେ କଳସ ଯାତ୍ରାରେ ସାମିଲ ହୋଇଥିଲେ। ୧୫ରୁ ଅଧିକ ସଂକୀର୍ତ୍ତନ ମଣ୍ଡଳୀ ହରିନାମ ପରିବେଷଣ କରିଥିଲେ। ଗ୍ରାମ ପରିଚାଳନା କମିଟି ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଗ୍ରାମ୍ୟ କମିଟି ସଭାପତି ଭୀମ ସାହୁ, ସମ୍ପାଦକ ସଦାନନ୍ଦ ପ୍ରଧାନ, ପରିଚାଳନା କମିଟି ସଭାପତି ବିଦ୍ୟାଧର ସାହୁ, ସମ୍ପାଦକ ତାପସ ରଞ୍ଜନ ସାହୁ, ଯୁବ ସଙ୍ଗଠକ ନିର୍ମଳ ସାହୁ, ପ୍ରହ୍ଲାଦ ଚନ୍ଦ୍ର ସାହୁ, ଅରୁଣ କୁମାର ପ୍ରଧାନ, ପଦ୍ମନାଭ ସାହୁ, ବିଜୟ ସାହୁ, ପ୍ରଶ୍ନ କୁମାର ସାହୁ, ଅଜୟ କୁମାର ପ୍ରଧାନ, ବଳରାମ ପ୍ରଧାନ, ଭାବଗ୍ରାହୀ ସାହୁ, ଦେବରାଜ ସାହୁ, ପଦ୍ମନାଭ ପ୍ରଧାନ, ସଞ୍ଜୟ ସାହୁ, ରଞ୍ଜନ ସାହୁ, ଜଗବନ୍ଧୁ ସାହୁ, କୃଷ୍ଣଚନ୍ଦ୍ର ସାହୁ, ରିଙ୍କୁ ପଧାନ, ଅଶୋକ ପ୍ରଧାନ, ଶୁକ୍ରୁ ପ୍ରଧାନ, ପ୍ରଶାନ୍ତ ସାହୁ, ନରୋତ୍ତମ ସାହୁ ପ୍ରମୁଖ ସହଯୋଗ କରିଥିଲେ।


ଅଷ୍ଟପ୍ରହର ନାମଯଜ୍ଞ ଚାଲିଛି।

# ପୁରୁଣାପାଣି ଅଞ୍ଚଳରେ ହାତୀକୁ ନେଇ ଆତଙ୍କ

ବଇଣ୍ଡା,୨୦।୨ (ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପୁରୁଣାପାଣି ଅଞ୍ଚଳରେ ଗୁରୁବାର ଏକ ଦନ୍ତାହାତୀ ଉପଦ୍ରବ ଚଳାଇଛି। ନିକଟସ୍ଥ ଜଙ୍ଗଲରୁ ଚାଲିଆସିଥିବା ଉକ୍ତ ହାତୀ ଗାଁରେ ପଶି କେତେଜଣଙ୍କ ଗୁହାଳ ଓ ବାଡ଼ିବଗିଚାରେ ଥିବା ଗଛଗୁଡିକ ଭାଙ୍ଗି ଦେଇଛି। କିଛିଦିନ ହେବ ଧଣ୍ଡାତୋପା ରେଞ୍ଜରେ ଉକ୍ତ ଦନ୍ତା ହାତୀଟି ଉପଦ୍ରବ କରୁଥିଲେ ହେଁ ତାହାକୁ ବନ କର୍ମଚାରୀମାନେ ଘଉଡ଼ାଉ ନାହାନ୍ତି। ଫଳରେ ଅମଳ ଧାନ ବିକ୍ରି କରିବାକୁ ଘର ବାରଣ୍ଡାରେ ରଖିଥିବା ଚାଷୀମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ହାତୀକୁ ଘଉଡ଼ାଇବା ପାଇଁ ଧଣ୍ଡାତୋପା ବନ ବିଭାଗ କାର୍ଯ୍ୟାଳୟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନାହିଁ। ଫଳରେ ପୁରୁଣାପାଣି ସମେତ ଆଖପାଖ ଅଞ୍ଚଳର ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ତୁରନ୍ତ ଉକ୍ତ ଦନ୍ତା ହାତୀକୁ ନ ଘଉଡ଼ାଇଲେ ଧଣ୍ଡାତୋପା ରେଞ୍ଜ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ପୁରୁଣାପାଣି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ଧଣ୍ଡାତୋପା ରେଞ୍ଜର ବବ୍ରୁବାହନ ସାହୁ କହିଛନ୍ତି, ହାତୀକୁ ଘଉଡ଼ାଇବାକୁ ପଦକ୍ଷେପ ନିଆଯିବ।


ଉପଦ୍ରବ କରୁଥିବା ହାତୀ।

# ଅଦିନିଆ ଝଡ଼ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ


କଟକ-ସମ୍ବଲପୁର ରାସ୍ତାର ବେଢ଼ାଶାସନ ନିକଟରେ ରାସ୍ତା ଉପରେ ତାଳଗଛ ପଡ଼ିଛି।

ବନ୍ତଳା,୨୦।୨(ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଳା ଅଞ୍ଚଳରେ ଆଦିନିଆ ବର୍ଷା ପବନ ସହ କୁଆପଥର ମାଡ଼ ହେବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିଭିନ୍ନ ଗାଁରେ ଚାଳଘର, ଗୁହାଳ ଘର ଛପର ଉଡ଼ିବା ସହିତ ରାସ୍ତାରେ ଉପରେ ଗଛ ଭଙ୍ଗି ପଡିଛି। ସେହିପରି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିବା ଓ ତାର ଛିଡ଼ିଥିବା ଦେଖିବାକୁ ମିଳିଛି। ଅଳ୍ପ ସମୟ ପାଇଁ ଏହି ଝଡ଼ ବର୍ଷା ହୋଇଥିଲେ ମଧ୍ୟ ବହୁ ଲୋକଙ୍କ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। ବ୍ଲକର ବଲାସିଂହା ଗାଁର ବିଶେଶ୍ୱର ପ୍ରଧାନ, ସୁଧାକର ସାହୁ, ଚୈତନ ସାହୁ, ସନ୍ତୋଷ ପ୍ରଧାନଙ୍କ ଗୁହାଳ ଘର ଭାଙ୍ଗି ଯାଇଥିଲାବେଳେ, କାଳିଆ ପ୍ରଧାନ, ଶ୍ରୀବତ୍ସ ପ୍ରଧାନଙ୍କ ସହ ଅନେକ ଲୋକଙ୍କ ପାଇଖାନା ଘର ଉପରେ ଗଛ ପଡିଯାଇଛି। ବିଦ୍ୟୁତ ତାର ଛଡ଼ିବା ସହିତ ବଲାସିଂହାରୁ କୁମୁରିସିଂହା ଯାଇଥିବା ରାସ୍ତାରେ ବାଉଁଶ ଗଛପଡି ଯାତାୟତ ବନ୍ଦ ହୋଇଯାଇଛି। ସେହିପରି ପୁରୁଣା କଟକ-ସମ୍ବଲପୁର ରାସ୍ତାର ବେଢ଼ାଶାସନ ନିକଟରେ ରାସ୍ତା ଉପରେ ଏକ ତାଳଗଛ ପଡିଥିବା ଦେଖିବାକୁ ମିଳିଛି। ଏଥିପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବା ସହ ଅନୁଗୋଳ ସହର ସମେତ ବନ୍ତଳା ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିଛି। କେତେକ ସ୍ଥାନରେ ସ୍ଥାନୀୟ ଲୋକମାନେ ରାସ୍ତାରୁ ଗଛ କାଟି ହଟାଇଥିବା ବେଳେ ବିଦ୍ୟୁତ୍ କର୍ମଚାରିମାନେ ମରାମତି କାମ ଆରମ୍ଭ କରିଛନ୍ତି।

# ପାନୀୟ ଜଳ ସମସ୍ୟାର ସମାଧାନ ଦାବି

ଅନୁଗୋଳ,୨୦।୨ (ମାନସ ବିଶ୍ୱାଳ)

ଅନୁଗୋଳ ସହରରେ ପାନୀୟ ଜଳ ସଙ୍କଟ ଦୂରୀକରଣ ଓ ଜଳଛତ୍ର ନିର୍ମାଣ ଦାବି ନେଇ ଜିଲା ଖବରଦାତାଙ୍କମାନଙ୍କ ତରଫରୁ ପୌରାଧକ୍ଷ ଓ ନିର୍ବାହୀ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି, ଗ୍ରୀଷ୍ମ ଋତୁରେ ଅନୁଗୋଳ ଜିଲାରେ ତାପମାତ୍ରା ପ୍ରାୟ ୫୦ ଡିଗ୍ରୀ ପାଖାପାଖି ହୋଇଥାଏ। ଫଳରେ ଜଳାଭାବ ଦେଖା ଦେଇଥାଏ। ସହର ମଧ୍ୟରେ ଅନେକ ଗୁଡ଼ିଏ ନଳକୂପ ରହିଥିବା ବେଳେ ସେଥିରୁ କିଛି କାର୍ଯ୍ୟକ୍ଷମ ଓ କିଛି ଅଚଳ ଅବସ୍ଥାରେ ରହିଛି। ଏଣୁ ସମସ୍ତ ନଳକୂପ ମରାମତି କରିବାର ଆବଶ୍ୟକତା ଥିବାବେଳେ ସହର ମଧ୍ୟରେ ରହିଥିବା ପାନୀୟ ଜଳ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ଓ ଶୁଦ୍ଧ ଜଳ ଯୋଗାଣ ବ୍ୟବସ୍ଥା କରାଯାଉ। ସେହିପରି ବିଭିନ୍ନ ସରକାରୀ, ବେସରକାରୀ ଓ ଅତ୍ୟାବଶ୍ୟକ କାର୍ଯ୍ୟରେ ଆସୁଥିବା ଆଗନ୍ତୁକ ତଥା ଯାତ୍ରୀମାନଙ୍କ ପାଇଁ ସହର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯାଉ। ପଶୁ ପକ୍ଷୀଙ୍କ ପାଇଁ ମଧ୍ୟ ପାଣି କୁଣ୍ଡ ରଖାଯାଉ। ପୌରାଧକ୍ଷ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ନ ଥିବାରୁ ତାଙ୍କ ପ୍ରତିନିଧି ଭାବେ ଯନ୍ତ୍ରୀଙ୍କୁ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ବିଶ୍ୱ ରଞ୍ଜନ ପଟ୍ଟନାୟକ, ପ୍ରତାପ ବିଶ୍ୱାଳ, ପତିତପାବନ ସାହୁ, ସୁବ୍ରତ ତ୍ରିପାଠୀ, ପର୍ଶୁରାମ ଦାଶ, ଶୁଭ୍ର ରଞ୍ଜନ ଦାସ, ଦ୍ୱାରିକା ପ୍ରସାଦ ନନ୍ଦ, ରାଜେଶ କୁମାର ପାତ୍ର, ମନୋଜ ଦେହୁରୀ, ବନମାଳୀ ନାଏକ, ଉମାକାନ୍ତ ସାହୁ, ଦିନେଶ କୁମାର ନାଏକ, ଅମୂଲ୍ୟ କୁମାର ସାହୁ, ବିଜୟ କୁମାର ଦେ, ଶୁଭ୍ରଜିତ ସ୍ୱାଇଁ, ରାକେଶ କୁମାର ସାମଲ, ମହେଶ ଭୋମରାଜ, ସୁଶାନ୍ତ କୁମାର ସାହୁ, ଜଗଦୀଶ ନାୟକ, ସୂର୍ଯ୍ୟଶମ୍ଭୁ ନାଏକ, ଶିବୁ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଜଗନ୍ନାଥ ମନ୍ଦିରରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା

ବଣ୍ଡାଁରପାଳ,୨୦।୨ (ସୁବାସ ସାହୁ)

ବଣ୍ଡାଁରପାଳ ବ୍ଲକ ପଞ୍ଚଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିସରରେ ଉଜ୍ଜଳ ଆଲୋକ ବ୍ୟବସ୍ଥା କରାଯାଇଛି। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଏହି ଆଲୋକ ବ୍ୟବସ୍ଥାର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଉଦ୍‌ଘାଟନ ସମୟରେ ଜିଲା ଭାଜପା ସଭାପତି ଯଯାତି ପଟ୍ଟନାୟକଙ୍କ ସମେତ ବଣ୍ଡାଁରପାଳ ମଣ୍ଡଳ ସଭାପତି କିଟୁ ପଣ୍ଡା, ଜଗନ୍ନାଥ ମନ୍ଦିର ମୁଖ୍ୟ ଉପଦେଷ୍ଟା ନରେଶ ଚନ୍ଦ୍ର ସାହୁ, କାର୍ଯ୍ୟକାରୀ ସଭାପତି ପୀତାମ୍ବର ସାହୁ, ବରିଷ୍ଠ ସଦସ୍ୟ ପ୍ରଦୀପ୍ତ କୁମାର ମାଝୀ, ବିପ୍ର ଚରଣ ଜେନା, ସଦସ୍ୟ ଅଭୟ ଭୂତିଆ, ଗୋକୁଳାନନ୍ଦ ଲେଙ୍କା, ଶୁଭମ ବେଉରା, ପଣ୍ଡିତ ଅଶୋକ ଦାଶ, ଅଚ୍ୟୁତ ଦାଶ, ଚେମୁଟୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପାଞ୍ଚଗଡ଼ ପଞ୍ଚଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ଉଜ୍ଜଳ ଆଲୋକ ବ୍ୟବସ୍ଥା ଯୋଗୁ ଅଗଣିତ ଜଗନ୍ନାଥପ୍ରେମୀଙ୍କ ମନରେ ଆନନ୍ଦ ଦେଖାଦେଇଛି।


ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥାକୁ ଉଦ୍‌ଘାଟନ କରୁଛନ୍ତି ବିଧାୟକ।

# ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

ବଣ୍ଡାଁରପାଳ,୨୦।୨ (ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍‌କୋ ଥାନା ନାଲ୍‌କୋ କଲୋନୀରେ ରହୁଥିବା ଜଣେ ଯୁବତୀ ଗୁରୁବାର ବେକରେ ଓଢ଼ଣୀ ବାନ୍ଧି ଆତ୍ମହତ୍ୟା କରିଛନ୍ତି। କିଛିବର୍ଷ ହେଲା ସେ ପରିବାର ସହ ନାଲ୍‌କୋ କଲୋନୀରେ ରହୁଥିଲେ। ସକାଳ ୮ଟାରେ ସେ ଗାଧୁଆ ଘରକୁ ଯାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ବାହାରି ନ ଥିଲେ। ପରିବାର ଲୋକଙ୍କ ସନ୍ଦେହ ହେବାରୁ ସେମାନେ ଗାଧୁଆଘରକୁ ଯାଇ ଯୁବତୀ ଆତ୍ମହତ୍ୟା କରିଥିବା ଦେଖିଥିଲେ। ଏ ନେଇ ପରିବାର ପକ୍ଷରୁ ତୁରନ୍ତ ନାଲ୍‌କୋ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଯୁକ୍ତ୨ ପରୀକ୍ଷାର୍ଥୀଙ୍କୁ ଶୁଭକାମନା



ଏବିଭିପି ତରଫରୁ ଯୁକ୍ତ୨ ପରୀକ୍ଷାର୍ଥୀଙ୍କୁ ଶୁଭକାମନା ଜଣାଯାଉଛି।

ଢେଙ୍କାନାଳ,୨୦।୨(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚଳତବର୍ଷ ଯୁକ୍ତ୨ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରୀଛାତ୍ରଙ୍କୁ ଢେଙ୍କାନାଳ ଜିଲା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଶୁଭକାମନା ଜଣାଯାଇଥିଲା। ପରୀକ୍ଷା ସମୟରେ ଛାତ୍ରୀଛାତ୍ରମାନଙ୍କ ମନୋବଳ ବୃଦ୍ଧି କରିବା ଏବଂ ସେମାନଙ୍କୁ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସରେ ପରୀକ୍ଷା ଦେବା ପାଇଁ ପ୍ରେରିତ କରିବା ଉଦ୍ଦେଶ୍ୟରେ ଫୁଲ ଓ ଚନ୍ଦନ ଲଗାଯାଇଥିଲା। ଢେଙ୍କାନାଳ ବିଭାଗର ବିଭାଗ ସଂଯୋଜକ ଅରୂପ ପଟ୍ଟନାୟକ, ଢେଙ୍କାନାଳ ଜିଲା ସହ ସଂଯୋଜକ ରୁଦ୍ରନାରାୟଣ ସିଂ ଏବଂ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ସତ୍ୟଜିତ୍ ବେଉରା ଏବଂ ମେଘା ମୌସୁମୀ ସାହୁ ଏହି କାର୍ଯ୍ୟକ୍ରମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ଏହି ପ୍ରୟାସ ପରୀକ୍ଷା ଭୟ ହ୍ରାସ କରିବାରେ ଏବଂ ଛାତ୍ରୀଛାତ୍ରଙ୍କ ମନୋବଳ ବୃଦ୍ଧି କରିବାରେ ସହାୟ ହେବ ବୋଲି କୁହାଯାଇଛି।

# ଅବକାରୀ ଚଢ଼ାଉ, ୫ ଗିରଫ

ବଇଣ୍ଡା,୨୦।୨ (ପରିକ୍ଷିତ ସାହୁ)

ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଠାକୁରଗଡ଼ ଥାନା ପାଇକସାହିରେ ଚଢ଼ାଉ କରାଯାଇ ହିରାବତୀ ପ୍ରଧାନଙ୍କ ଘରୁ ୧୪ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏଥିସହ ତାଙ୍କୁ ଗିରଫ କରାଯାଇଛି। ସେହିପରି ପାଇକସାହିର ସୁନୀଲ ନାୟକଙ୍କ ଠାରୁ ୧୬ ଲିଟର, ଶିଶୁକଟା ଚତୁର୍ଭୁଜ ନାୟକଙ୍କ ଘରୁ ୧୮ ଲିଟର, ବାଲିସାହି ଗ୍ରାମର ମକୁନ୍ଦ ପ୍ରଧାନଙ୍କ ଘରୁ ୨୦ ଲିଟର, ରାଜିଙ୍ଗ ଗ୍ରାମର ଉମେଶ ଚନ୍ଦ୍ର ବେହେରାଙ୍କ ଠାରୁ ୨୨ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏଥିସହ ସେମାନଙ୍କୁ ଗିରଫ କରାଯାଇଛି। ସେମାନେ ଚୋରା ମଦ ବିକ୍ରି କରୁଥିବା ଖବରପାଇ ଆଠମଲ୍ଲିକ ଅବକାରୀ ନିରୀକ୍ଷକ ପବିତ୍ର ମୋହନ ମାଝୀ ଚଢ଼ାଉ କରିଥିଲେ।

